ଫର୍ମ – III

[ନିୟମ – ୫(୪) ଦ୍ରଷ୍ଟବ୍ୟ]

# ତହସିଲ କାର୍ଯ୍ୟାଳୟ, କନିଷି, ଗଞ୍ଜାମ

Alienation ମିସ୍ କେସ୍ ନଂ. ୨୭/୨୦୨୫

## ସର୍ବସାଧାରଣ ନୋଟିସ୍

ଏତଦ୍ ଦ୍ୱାରା ମୌଜା – ରଙ୍ଗେଇଲୁଣ୍ଡା, ଥାନା - ଗୋପାଳପୁରର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ତଫସିଲଭୁକ୍ତ ଜମିର ଖାତା "ଆବାଦ ଯୋଗ୍ୟ ଅନାବାଦୀ" ର କିସମକୁ "ପତିତ" ରେ ପରିଣତ କରି ବାଣିଜ୍ୟ ଓ ପରିବହନ ବିଭାଗ, ଓଡ଼ିଶାଙ୍କ ନାମରେ ଉଡ଼ାଜାହାଜ ଅବତରଣ ପ୍ରାନ୍ତର (Airstrip), ରଙ୍ଗେଇଲୁଣ୍ଡାର ନିର୍ମାଣ ନିମନ୍ତେ ହସ୍ତାନ୍ତର କରିବା ପାଇଁ ପ୍ରସ୍ତାବିତ ହୋଇଅଛି ।

ଏଣୁ ନିମ୍ନ ତଫସିଲଭୁକ୍ତ ଜମିର କିସମ ପରିବର୍ତ୍ତନ ଉପରେ ଯଦି କାହାର କିଛି ଆପତ୍ତି ଅଭିଯୋଗ ଥାଏ, ଏହି ଇସ୍ତାହାର ପ୍ରକାଶ ପାଇବାର ୧୫ (ପନ୍ଦର) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ ଅଦାଲତରେ ଯେ କୌଣସି କାର୍ଯ୍ୟ ଦିବସରେ ଲିଖିତ ଆପତ୍ତି ଅଭିଯୋଗ ଦାଖଲ କରିପାରିବେ । ଧାର୍ଯ୍ୟ ସମୟ ଅତିକ୍ରାନ୍ତ ହେବା ପରେ କୌଣସି ଅଭିଯୋଗ ଗ୍ରହଣ କରାଯିବନାହିଁ ।

## ତଫସିଲଭୁକ୍ତ ଜମିର ବିବରଣୀ

| ମୌଜା | ଖାତା ନଂ | ପ୍ଲଟ ନଂ | ମୋଟ ରକବା (ଏକରରେ) | ପ୍ରସ୍ତାବିତ ରକବା (ଏକରରେ) | କିସମ / ଖାତାଦାର | ପ୍ରସ୍ତାବିତ କିସମ/ ଖାତାଦାର |
|---|---|---|---|---|---|---|
| ରଙ୍ଗେଇଲୁଣ୍ଡା | ୧୪୩ | ୯୫ | ୦.୦୯୩ | ୦.୦୯୩ | ବିଲ-୧ / ଆବାଦ ଯୋଗ୍ୟ ଅନାବାଦୀ | ପତିତ/ ଆବାଦ ଯୋଗ୍ୟ ଅନାବାଦୀ |
| | | ୯୬ | ୦.୦୮୫ | ୦.୦୮୫ | ବିଲ-୧ / ଆବାଦ ଯୋଗ୍ୟ ଅନାବାଦୀ | ପତିତ/ ଆବାଦ ଯୋଗ୍ୟ ଅନାବାଦୀ |
| | | ୯୭ | ୦.୦୬୫ | ୦.୦୬୫ | ବିଲ-୧ / ଆବାଦ ଯୋଗ୍ୟ ଅନାବାଦୀ | ପତିତ/ ଆବାଦ ଯୋଗ୍ୟ ଅନାବାଦୀ |
| | | ୨ | ୨.୧୧୫ | ୨.୧୧୫ | ବଗାୟତ ଦୁଇ/ ଆବାଦ ଯୋଗ୍ୟ ଅନାବାଦୀ | ପତିତ/ ଆବାଦ ଯୋଗ୍ୟ ଅନାବାଦୀ |

30/8/25

ତହସିଲଦାର, କନିଷି

ପରିପତ୍ର ସଂଖ୍ୟା-୧୧୦୧୯ / ତାରିଖ- ୩୦.୦୮.୨୦୨୫

ଏହାର ଏକକିତା ନକଲ ଜିଲ୍ଲା ସୂଚନା ଅଧିକାରୀ (DIO), NIC, ଗଞ୍ଜାମଙ୍କ ଅବଗତି ଓ ୱେବ-ସାଇଟ୍ ମାଧ୍ୟମରେ ବିଜ୍ଞପ୍ତି ପ୍ରକାଶ କରିବା ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ରାଜସ୍ୱ ନିରୀକ୍ଷକ, କରାପଲ୍ଲୀଙ୍କ ଦ୍ୱାରା ମୌଜା- ରଙ୍ଗେଇଲୁଣ୍ଡାର ପ୍ରକାଶ୍ୟ ସ୍ଥାନରେ ଢେଙ୍ଗୁରା/ମାଇକିଙ୍ଗ ଦ୍ୱାରା ଜାରି କରିବା ପାଇଁ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ, ରଙ୍ଗେଇଲୁଣ୍ଡାର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ/ ସରପଞ୍ଚଙ୍କ ଅବଗତି ଓ ବହୁଳ ପ୍ରଚାର ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ତହସିଲ କାର୍ଯ୍ୟାଳୟ, କନିଷିର ବିଜ୍ଞାପନ ଫଳକରେ ସର୍ବସାଧାରଣଙ୍କ ଅବଗତି ଓ ବହୁଳ ପ୍ରଚାର ନିମନ୍ତେ ଜାରି କରାଗଲା ।

30/8/25

ତହସିଲଦାର, କନିଷି